**03 July 2006**

**4004 Incorporated India to become multinational procurement major**
Publication: Paryabekhyak, Edition: Bhubaneswar, Journalist: Bureau, Page No: 10, Columns: 2, Height(cms): 10

# ବହୁରାଷ୍ଟ୍ରୀୟ କମ୍ପାନୀ ହେବ ୪୦୦୪ ଇନ୍‌କର୍ପୋରେଟେଡ୍ ଇଣ୍ଡିଆ

**ଜୁନ୍ :** ଗ୍ଲୋବାଲ୍ ପ୍ରକ୍ୟୋର୍‌ମେଣ୍ଟ କମ୍ପାନୀ ୪୦୦୪ ଇନ୍‌କର୍ପୋରେଟେଡ୍ ଇଣ୍ଡିଆ ପକ୍ଷରୁ ବ୍ୟାପକ ସଂପ୍ରସାରଣ ଯୋଜନା ଚୂଡ଼ାନ୍ତ କରାଯାଇଛି । ଆମେରିକାର ଅଗ୍ରଣୀ ରିଟେଲ୍ ଚେନ୍ 'ଷ୍ଟିଭ୍ ଆଣ୍ଡ ବେରୀସ୍ ୟୁନିଭର୍ସିଟି ସ୍ପୋର୍ଟସ୍ ୱିୟର' ସହ ସହବନ୍ଧନ କରିଥିବା ଏହି କମ୍ପାନୀ ବିଶ୍ୱର ୨୫ଟି ଦେଶରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରିଥାଏ ।

୨୦୦୧ରେ ଆରମ୍ଭ ହୋଇଥିବା ଏହି କମ୍ପାନୀ ୨୦୦୬ ଡିସେମ୍ବର ସୁଦ୍ଧା ନିଜର ବ୍ୟବସାୟ ଭିତ୍ତିରେ ୩୦% ବୃଦ୍ଧି ପାଇଁ ଯୋଜନା କରିଛି । ୪୦୦୪ ଇନ୍‌କର୍ପୋରେଟେଡ୍' ବିଭିନ୍ନ ଧରଣର ପୋଷାକ, ଜୋତା, ବ୍ୟାଗ୍, ବେଲ୍ ଆଦି ସାମଗ୍ରୀ ସଂଗ୍ରହ କରିଥାଏ । କମ୍ପାନୀ ଭାରତରୁ ବାର୍ଷିକ ପ୍ରାୟ ୨୦ ମିଲିୟନ୍ ୟୁନିଟ୍ ସଂଗ୍ରହ କରୁଥିବା ବେଳେ ଏହାର ଅର୍ଦ୍ଧେକ ଦକ୍ଷିଣ ଭାରତରୁ ଓ ଅବଶିଷ୍ଟ ଲୁଧିଆନା, ଦିଲ୍ଲୀ, ମୁମ୍ବାଇରୁ ସଂଗ୍ରହ କରିଥାଏ । ଗତବର୍ଷ କମ୍ପାନୀ ନିଜର କ୍ରୟ କ୍ଷମତାରେ ୨୫% ଅଭିବୃଦ୍ଧି ହାସଲ କରିଥିଲା । ଆସନ୍ତା ୨ ବର୍ଷରେ କମ୍ପାନୀ ନିଜର କ୍ରୟ ପୋର୍ଟଫୋଲିଓରେ ୮ଟି ନୂଆ ସାମଗ୍ରୀ ଯଥା ଲାଇଫ୍ ଷ୍ଟାଇଲ୍ ଉତ୍ପାଦ, ଶୀତପରିଧାନ, ଇଲେକ୍‌ଟ୍ରୋନିକ୍ ଉତ୍ପାଦ, କସ୍‌ମେଟିକ୍ସ, ସାଜସଜ୍ଜା ଉତ୍ପାଦ, ଘଣ୍ଟା, ସନ୍‌ଗ୍ଲାସ, ମହିଳା ଅନ୍ତଃବସ୍ତ୍ର ଯୋଗ କରିବ । '୪୦୦୪ ଇନ୍‌କର୍ପୋରେଟେଡ୍ ଇଣ୍ଡିଆ'ର ବର୍ତ୍ତମାନ ପାକିସ୍ତାନ, ଚୀନ୍, ଜୋର୍ଡାନ୍‌ରେ ଅର୍ନ୍ତଜାତୀୟ କାର୍ଯ୍ୟାଳୟ ଥିବାବେଳେ ଚଳିତ ବର୍ଷ ଶେଷସୁଦ୍ଧା ଆଉ ୮ଟି କାର୍ଯ୍ୟାଳୟ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।